

# ସବୁଜ ସ୍ୱର୍ଣ୍ଣ

## କୃଷି ବିଜ୍ଞାନ କେନ୍ଦ୍ର, (ଓ.ୟୁ.ଏ.ଟି.) ନୟାଗଡ଼

## KRISHI VIGYAN KENDRA, (O.U.A.T.), NAYAGARH

ଅପ୍ରେଲ - ଜୁନ୍

ସମାଚାର ପତ୍ର-୨୦୨୩

## ବାଇଗଣ ଫସଲରେ ଶୋଷକ କୀଟ ପରିଚାଳନା

ବର୍ତ୍ତମାନ ପରିବର୍ତ୍ତିତ ଜଳବାୟୁ ପରିପ୍ରେକ୍ଷିରେ ଶୋଷକ କୀଟର ପ୍ରାଦୁର୍ଭାବ ପନିପରିବା ଫସଲରେ ଏକ ଚିନ୍ତାର ବିଷୟ ହୋଇଛି । ସେଥିପାଇଁ କୃଷିବିଜ୍ଞାନ କେନ୍ଦ୍ର ନୟାଗଡ଼ ଦ୍ୱାରା ବାଇଗଣ ଫସଲରେ ସମନ୍ୱିତ ପଦ୍ଧତିରେ ଶୋଷକ କୀଟ ପରିଚାଳନାର କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ଏଥିପାଇଁ ହେକ୍ଟର ପ୍ରତି ୨୦ଟି ହଳଦିଆ ଅଠାଳିଆ ଯନ୍ତାର ବ୍ୟବହାର ସହିତ ନିମ୍ବତେଲ ଏବଂ ନୂତନ ପିଢିର କୀଟନାଶକ ଯଥା (ସ୍ପାଇରୋଟେଟ୍ରାମେଟ୍ + ଇମିଡାକ୍ଲୋପ୍ରିଡର) ବ୍ୟବହାର କରାଯାଇଥିଲା । ଏହି ପରୀକ୍ଷଣରେ ଚାଷୀଭାଇମାନେ ଧଳାମାଛି ଏବଂ ଅଷ୍ଟପଦୀର ସଠିକ୍ ଭାବରେ ନିୟନ୍ତ୍ରଣ କରି ହେକ୍ଟର ପ୍ରତି ୨୨୮.୭ କ୍ୱିଣ୍ଟାଲ ଅମଳ ପାଇଥିଲେ ଯାହାକି ପୂର୍ବାପେକ୍ଷା ୧୭% ଅଧିକ ଅଟେ ।







## ଟ୍ରାକ୍ଟର ଚାଳିତ ଧାନବୁଣା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ

ନୟାଗଡ଼ ଜିଲ୍ଲାରେ ପ୍ରାୟ ଶତକଡ଼ା ୪୦ଭାଗ ଜମିରେ ବୁଣାଧାନ ଚାଷ କାରାଯାଇଥାଏ । ବୁଣିବା ଦ୍ୱାରା ଧାନ ସମାନ ଭାବରେ ସମ ଗଭିରତାରେ ପଡ଼ିନଥାଏ, ଅଧିକ ପାରିଶ୍ରମିକ ଲାଗିବା ସହ ଚାଷୀମାନେ ଅଯଥା ଖର୍ଚ୍ଚାନ୍ତ ହୋଇଥାଆନ୍ତି । ଏହି ପରିପ୍ରେକ୍ଷୀରେ କୃଷିବିଜ୍ଞାନ କେନ୍ଦ୍ର, ନୟାଗଡ଼ ପକ୍ଷରୁ ଟ୍ରାକ୍ଟର ଚାଳିତ ମଞ୍ଜିବୁଣା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ ଭାପୁର ବ୍ଲକ୍‌ର ଲକ୍ଷ୍ମୀପ୍ରସାଦ ଗ୍ରାମରେ ଏବଂ ଖଣ୍ଡପଡ଼ା ବ୍ଲକ୍‌ର ସିଧାମୂଳା, ରତନପୁର, ଘଣାସାଣିଆ ଗ୍ରାମଗୁଡ଼ିକରେ ମଞ୍ଜିବୁଣା କାର୍ଯ୍ୟ କରାଯାଇଥିଲା । ଏହି ଯନ୍ତ୍ରଟିର ବ୍ୟବହାର ଦ୍ୱାରା ବିହନ ଧାଡ଼ିକୁ ଧାଡ଼ି ଏବଂ ଗଛକୁ ଗଛ ବ୍ୟବଧାନ (୨୫×୧୦) ସେ.ମି ରଖାଯାଇପାରେ ଏବଂ ୨ ଇଞ୍ଚ ଗଭୀରତାରେ ମଞ୍ଜିଗୁଡ଼ିକ ସମାନଭାବରେ ପଡ଼ିବା ସହିତ ଏକର ପ୍ରତି ୮-୧୦ କେ.ଜି ବିହନ ଆବଶ୍ୟକ ହୋଇଥାଏ ଏବଂ ଏକର ଜମିରେ ମଞ୍ଜି ବୁଣିବା ପାଇଁ ହାରାହାରି ୧.୫ ଘଣ୍ଟା ସମୟ ଲାଗିଥାଏ । ଏହି ଯନ୍ତ୍ରର କାର୍ଯ୍ୟକାରିତା ତଥା ବୁଣିବା ପାଇଁ ଆବଶ୍ୟକ ହେଉଥିବା ପାରିଶ୍ରାମିକକୁ ଲକ୍ଷ୍ୟ କରି ଚାଷୀଭାଇମାନେ ଯନ୍ତ୍ର ସାହାଯ୍ୟରେ ବିହନ ବୁଣିବାପାଇଁ ଆଗ୍ରହ ପ୍ରକାଶ କରିବା ଉପଲବ୍ଧ ହୋଇଅଛି ।



## ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ବିଭିନ୍ନ ଗେଣ୍ଡୁଫୁଲ କିସମର କ୍ଷେତ୍ର ପରୀକ୍ଷଣ:



ମହିଳାମାନେ ଫୁଲ ଚାଷରେ ନିୟୋଜିତ ରହିଲେ ଅଧିକ ଆତ୍ମସନ୍ତୋଷ ଉପଲବ୍ଧ କରିବା ସହିତ ଭଲ ଦି ପଇସା ଲାଭ ମଧ୍ୟ କରିଥାନ୍ତି । ତେଣୁ ମହିଳାମାନଙ୍କ ମଧ୍ୟରେ ଏହା ଅଧିକ ଆଦୃତ । ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍‌ର ରାଧାନାଥପୁର ଏବଂ ବିରୁଡ଼ା ଗ୍ରାମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୧୦ଜଣ ସଦସ୍ୟମାନଙ୍କ ଦ୍ୱାରା ଗେଣ୍ଡୁଫୁଲର ବିଭିନ୍ନ କିସମ ଉପରେ ଏକ ପରୀକ୍ଷଣ କରାଯାଇଥିଲା । ଏହି ପରୀକ୍ଷଣରେ ୧୦ଜଣ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଅଂଶଗ୍ରହଣ କରିଥିଲେ । ପ୍ରତ୍ୟେକ ସଦସ୍ୟା ସ୍ଥାନୀୟ ଗେଣ୍ଡୁଫୁଲ ସହିତ ବିଧାନ-୨ ଏବଂ ସେରାକୋଲ କିସମର ଗେଣ୍ଡୁଫୁଲ ଚାଷ କରିଥିଲେ । ପରୀକ୍ଷଣରୁ ଜଣାଗଲା ଯେ ବିଧାନ-୨ ଏବଂ ସେରାକୋଲ ଉଭୟ କିସମ ବ୍ୟବସାୟ ଉପଯୋଗୀ ହୋଇଥିଲେ ମଧ୍ୟ ବିଧାନ -୨ ଗେଣ୍ଡୁଫୁଲ ଗଛପ୍ରତି ୮୨ଟି ଫୁଲ ଫୁଟିଥିଲାସ୍ଥଳେ ସେରାକୋଲ କିସମରେ ୯୭ଟି ଫୁଲ ଫୁଟିଥିଲା । ବିଧାନ -୨ କିସମ ହେକ୍ଟର ପ୍ରତି ଅମଳ ୧୪୦.୨କ୍ୟୁଇଣ୍ଟାଲ ହୋଇଥିବା ସ୍ଥଳେ ସେରାକୋଲ କିସମ ୧୨୪.୪ କ୍ୟୁଇଣ୍ଟାଲ ଅମଳ ହୋଇଥିଲା । ବିଧାନ-୨ ଗେଣ୍ଡୁଫୁଲର ହେକ୍ଟର ପ୍ରତି ଖର୍ଚ୍ଚ ଟ. ୨୧୪୭୦୦/- ହେଉଥିବା ବେଳେ ଲାଭ ଟ. ୨୦୬୧୪୦/- ହୋଇଥିଲା । କିନ୍ତୁ ଯେହେତୁ ଉଭୟ କିସମ ବ୍ୟବସାୟ ଉପଯୋଗୀ ତେଣୁ ମହିଳାମାନେ ଏଥିମଧ୍ୟରୁ ଯେ କୌଣସି କିସମର ଗେଣ୍ଡୁଫୁଲକୁ ତାଙ୍କର ଆର୍ଥିକ ଅଭିବୃଦ୍ଧି ନିମନ୍ତେ ଚାଷ କରି ଏହାର ଲାଭ ଉଠାଇ ପାରିବେ ।

## ଉଦ୍ଭିଦ ସ୍ୱାସ୍ଥ୍ୟ ପରୀକ୍ଷାଗାର ଦ୍ୱାରା ପନିପରିବା ଫସଲର ସ୍ୱାସ୍ଥ୍ୟ ପରିଚାଳନା



ପରିବର୍ତ୍ତନଶୀଳ ଜଳବାୟୁରେ ଫସଲର ସ୍ୱାସ୍ଥ୍ୟ ପରିଚାଳନା ଚାଷୀଭାଇଙ୍କ ପାଇଁ ଏକ ବଡ଼ ଆହ୍ୱାନ । ବର୍ତ୍ତମାନ ପରିସ୍ଥିତିରେ ଅତ୍ୟଧିକ ଗ୍ରୀଷ୍ମର ପ୍ରକୋପ ଯୋଗୁଁ ପନିପରିବା ଫସଲରେ ରୋଗପୋକ ବୃଦ୍ଧିହେବା ସହିତ ଫୁଲ ବଢ଼ିବା ସମସ୍ୟା ଜିଲ୍ଲାର ଅଧିକାଂଶ ସ୍ଥାନରେ ଦେଖାଯାଉଅଛି । କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଥିବା ଉଦ୍ଭିଦ ସ୍ୱାସ୍ଥ୍ୟ ପରୀକ୍ଷାଗାର ଆନୁକୂଲ୍ୟରେ କେନ୍ଦ୍ରର ବୈଜ୍ଞାନିକ (ଫସଲ ସୁରକ୍ଷା) ତଥା ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ଖଣ୍ଡପଡ଼ା ବ୍ଲକ୍‌ର ବିରିଡିହି ଏବଂ ଅଁଳାମଡ଼ା ଗ୍ରାମକୁ ପରିଦର୍ଶନ କରି ପନିପରିବାରେ ଉପୁଜିଥିବା ସମସ୍ୟା ପ୍ରତି ଅବଗତ ହେଲା ପରେ ଚାଷୀମାଇମାନଙ୍କୁ ଏହାର କାରଣ ଏବଂ ନିରାକରଣ ବିଷୟରେ ଅବଗତ କରିଥିଲେ । ପରବର୍ତ୍ତି ଅବସ୍ଥାରେ କେନ୍ଦ୍ର ତରଫରୁ ହରମୋନ, କୀଟ ଏବଂ ରୋଗ ନାଶକ ଔଷଧ ଯୋଗାଇ ଦିଆଯାଇଥିଲା । କେନ୍ଦ୍ରର ବୈଜ୍ଞାନିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରାଯାଇ ଚାଷୀଭାଇଙ୍କ ସମସ୍ୟା ଦୂରିଭୁତ କରାଯାଇଥିଲା ।

## ଅନୁସୂଚିତ ଜାତିଙ୍କ ବିକାଶ ନିମନ୍ତେ କୃଷିଭିତ୍ତିକ କାର୍ଯ୍ୟକ୍ରମ

ନୟାଗଡ଼ ଜିଲ୍ଲାର ମୋଟ ଜନସଂଖ୍ୟାର ୧୪.୧୭ ପ୍ରତିଶତ ଲୋକ ଅନୁସୂଚିତ ଜାତି ଅନ୍ତର୍ଭୁକ୍ତ । ଉକ୍ତ ଜାତିର କୃଷି ଭିତ୍ତିକ ବିକାଶ କରିବା ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ସମୟ ସମୟରେ ବିଭିନ୍ନ ତାଲିମ ତଥା ପ୍ରଦର୍ଶନୀ ମାଧ୍ୟମରେ ଉନ୍ନତ ଚାଷ ପ୍ରଣାଳୀ ଆଦି ଚାଷୀ ମହଲରେ ପ୍ରକାଶିତ କରାଯାଇଥାଏ । ଉକ୍ତ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଚାଷୀମାନଙ୍କ ସମସ୍ୟାକୁ ଭିତ୍ତିକରି ସେମାଙ୍କର ଆର୍ଥିକ ଅବସ୍ଥା ସୁଧାରିବା ତଥା କୃଷି କାର୍ଯ୍ୟରେ ନୂତନ ଜ୍ଞାନକୌଶଳ ଆପଣାଇବା ନିମନ୍ତେ ଉନ୍ନତ ମାନର ପନିପରିବା ଚାରା, ଛତୁବିହନ, ବାଡ଼ିଅଗଣା ପାଇଁ ଉଦ୍ଦିଷ୍ଟ ବିଭିନ୍ନ ପ୍ରଜାତିର କୁକୁଡ଼ା, ପାକଶାଳା ବଗିଚା ପାଇଁ ଆବଶ୍ୟକ ବିହନ ଆଦି ଯୋଗାଇବା ସହ କୃଷି ଭିତ୍ତିକ ଜ୍ଞାନ କୌଶଳ ଆଦି ସମ୍ପ୍ରସାରଣ କାର୍ଯ୍ୟ ମାଧ୍ୟମରେ ପହଞ୍ଚାଇ ସେମାଙ୍କ କୃଷି ଭିତ୍ତିକ ମାନଦଣ୍ଡକୁ ସୁଦୃଢ କରିବା ଅଭିପ୍ରାୟରେ ଉକ୍ତ କାର୍ଯ୍ୟକ୍ରମ କରାଯାଇଅଛି ।





## ଅନୁସୂଚିତ ଜାତିଙ୍କ ବିକାଶ ନିମନ୍ତେ କୃଷିଭିତ୍ତିକ ସମ୍ପ୍ରସାରଣ କାର୍ଯ୍ୟକ୍ରମ





## ଦକ୍ଷତା ବୃଦ୍ଧି ପ୍ରିଶିକ୍ଷଣ ଶିବିର

ଭାରତୀୟ କୃଷି ଦକ୍ଷତା ପରିଷଦ, ନୂଆଦିଲ୍ଲୀ ଅର୍ନ୍ତଭୁକ୍ତ ମହୁମାଛି ପାଳନର ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବର କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ ଦ୍ୱାରା ବିଗତ ଏପ୍ରିଲ ମାସରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଶିବିରରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ମହୁମାଛି ପାଳନ ପାଇଁ ଇଚ୍ଛୁକ ଚାଷୀ ଉଦ୍ୟୋଗୀ ମାନେ ଯୋଗଦେଇ ମହୁମାଛି ପାଳନର ବିଭିନ୍ନ ଦିଗ ବିଷୟରେ ଅବଗତ ହୋଇଥିଲେ ।  ଦୀର୍ଘ ୨୭ ଦିନର ତାଲିମ ଶିବିରରେ ତାଲିମ ପ୍ରାପ୍ତ ପ୍ରାର୍ଥିମାନେ ମହୁମାଛିର ପ୍ରକାର, ଜୀବନଚକ୍ର, ମହୁଫେଣା ପରିଚାଳନା , ମହୁଦଳ ବିଭାଜନ,  ଶ୍ରମିକ ମହୁମାଛି, ପୁରଷ ମହୁମାଛି, ରାଣୀ ମହୁମାଛିର ଭୂମିକା, ମହୁମାଛିର ସାମାଜିକ ପ୍ରବୃତି ଏବଂ ପାଳନର ସତର୍କତା, ମହୁମାଛି ଉପକରଣ, ମହୁନିସ୍କାସନ ପ୍ରକ୍ରିୟା, ସଂରକ୍ଷଣ  ଓ ବିପଣନ ଆଦି ବାବଦରେ ତାଲିମ ନେବା ସହ ଡ଼େଲାଙ୍ଗସ୍ଥିତ ମହୁଉତ୍ପାଦନ କେନ୍ଦ୍ର ପରିସରକୁ ଭ୍ରମଣ କରି ଅନେକ ଉପାଦେୟ ତଥ୍ୟ ଅର୍ଜନ କରିଥିଲେ । ପରିଷେଶରେ ଦକ୍ଷତା ବୃଦ୍ଧି ପରିଷଦ ଦ୍ୱାରା ଆୟୋଜିତ ହୋଇଥିବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲ ।







## ପାଳଛତୁ ଉତ୍ପାଦନରେ ଛତୁ ବିହନର ବୟସର ପ୍ରଭାବ ଉପରେ ପରୀକ୍ଷଣ



ନୟାଗଡ଼ ଜିଲ୍ଲାର ଛତୁଚାଷୀ ଭଉଣୀମାନଙ୍କ ଫାର୍ମରେ ପାଳଛତୁ ଉତ୍ପାଦନ ଉପରେ ଛତୁ ବିହନର ବୟସର ପ୍ରଭାବ ଉପରେ ଏକ ପରୀକ୍ଷଣ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ପରୀକ୍ଷଣରେ ଜିଲ୍ଲାର ଭିନ୍ନ ଭିନ୍ନ ୫ଟି ଗ୍ରାମର ଅଗ୍ରଣୀ ଚାଷୀ ଭଉଣୀମାନେ ଅଂଶଗ୍ରହଣ କରିଥିଲେ । ସାଧାରଣତଃ ଚାଷୀମାନେ ୨୦ଦିନ କିମ୍ବା ତଦୁର୍ଦ୍ଧ ଦିନର ଛତୁ ବିହନ ବ୍ୟବହାର କରୁଥିବା ବେଳେ ସେମାନେ ପରୀକ୍ଷଣ ନିମିତ୍ତ ୧୨ଦିନ, ୧୫ଦିନ ଏବଂ ୨୦ ଦିନର ଛତୁ ବିହନ ପ୍ରୟୋଗ କରିଥିଲେ । ଚାଷୀ ଭଉଣୀମାନଙ୍କୁ ବୈଷୟିକ ସହାୟତା ହିସାବରେ ଉନ୍ନତ ମାନର ୧୨ଦିନ, ୧୫ଦିନ ଓ ୨୦ ଦିନର ଛତୁ ବିହନ ଯୋଗାଇ ଦିଆଯାଇଥିଲା । ପରୀକ୍ଷଣରୁ ଜଣାଗଲା ଯେ ୧୫ଦିନ ବୟସର ବିହନ ପ୍ରୟୋଗ କରାଯାଇଥିବା ଛତୁ ବେଡ୍‌ରୁ ସବୁଠାରୁ ଅଧିକ ଛତୁ (ବେଡ୍ ପ୍ରତି ୧.୨୯ କି.ଗ୍ରା) ଉତ୍ପାଦନ ହୋଇଥିବା ସ୍ଥଳେ ୨୦ ଦିନ ବୟସର ବିହନ ପ୍ରୟୋଗ କରାଯାଇଥିବା ଛତୁ ବେଡ଼ରୁ ୧.୦୫ କେଜି ଏବଂ ୧୨ ଦିନ ବୟସର ବିହନ ପ୍ରୟୋଗ କରାଯାଇଥିବା ବେଡ଼ରୁ ୧.୨୨ କେ.ଜି ଅମଳ ହୋଇଥିଲା । । ତେଣୁ ଛତୁ ବିହନ ବ୍ୟବହାରର ସର୍ବୋତ୍ତମ ଅବଧି ପାରମ୍ପରିକ ବ୍ୟବହାର ଠାରୁ ୫ଦିନ କମ୍ ହେଉଥିବାରୁ ଏହା ଛତୁ ବିହନ ଉତ୍ପାଦନକାରୀ ତଥା ଛତୁଚାଷୀ ଉଭୟଙ୍କ ପାଇଁ ସ୍ୱାଗତଯୋଗ୍ୟ ।



ଭାରତୀୟ କୃଷି ଗବେଷଣା ପରିଷଦ, ନୂଆଦିଲ୍ଲୀ ଦ୍ୱାରା ନୂତନ ଭାବେ ନିଯୁକ୍ତି ପ୍ରାପ୍ତ କୃଷି ଗବେଷଣା ବୈଜ୍ଞାନିକଙ୍କ କୃଷି ବିଜ୍ଞାନ କେନ୍ଦ୍ର ନୟାଗଡର଼ ତତ୍ୱାବଧାନରେ (୨୯ମଇ ରୁ ୨୬ ଜୁନ୍ ) କ୍ଷେତ୍ର ଅନୁଭୂତି ତାଲିମ କାର୍ଯ୍ୟକ୍ରମ ।


**ପ୍ରକାଶକ**

ଡ଼ଃ ଅନିଲ୍ କୁମାର ସ୍ୱାଇଁ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**ବୈଷୟିକ ସହାୟତା**

ଗୀତାଞ୍ଜଳୀ ସୁବୁଦ୍ଧି, ପ୍ରମୋଦ କୁମାର ପୃଷ୍ଟି, ଲତା ମଲ୍ଲିକ, ମଧୁମିତା ଜେନା, ସୁଚିସ୍ମିତା ଦ୍ୱିବେଦୀ, ସ୍ନିଗ୍ଧା ପଟ୍ଟନାୟକ, ଦେବାଶିଷ ନାୟକ, ରୋଜାଲିନ ପ୍ରହରାଜ



**ଯୋଗାଯୋଗ ଠିକଣା**

**କୃଷି ବିଜ୍ଞାନ କେନ୍ଦ୍ର**
ଗ୍ରାମ - ପାଣିପଇଲା, ପୋଷ୍ଟ- ବାଲୁଗାଁ,
ଜିଲ୍ଲା -ନୟାଗଡ, ଫୋନ - 9439024040